# Akashvani, Sambalpur

## SAMBALPURI NEWS EVENING BULLETIN

## 20 June 2024- 7.02 pm- 7.12 pm.

*********************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଜନମ୍ ଦିନ୍ ଅବ୍‌ସରେ ଉପରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୋକ୍ ଜନାଲେ ଶୁଭେଚ୍ଛା ।

୨- ୧୭ ନମ୍ବର୍ ବିଧାନ୍‌ସଭାର୍ ବାଚସ୍ପତି ହେଲେ ସୁରମା ପାଢ଼ୀ ।

୩- ରାଏଜେ ଆଏବା ଶନିବାର୍ ନୁ ସ୍ୱାଭାବିକ୍ ଭାବେ ଖୁଲ୍‌ବା ସ୍କୁଲ୍ ।

ଆଉର୍

୪- ଆଏବାକାଏଲ୍ ଆନ୍ତର୍ଜାତୀୟ ଯୋଗ ଦିବସ୍ ।

- କଳିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ଯୋଗ ଦିବସ୍ ସମାରୋହଥି ଯୋଗ୍ ଦେବେ ମୁଖ୍ୟମନ୍ତ୍ରୀ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ - ଜନମ୍ ଦିନ୍        ଆର୍ଏନ୍ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ୬୬ ବଛର୍ଥି ପଦାର୍ପଣ କରିଛନ୍ । ୧୯୫୮ ମସିହା ଜୁନ୍ ୨୦ ତାରିଖ୍ ଦିନ ଶ୍ରୀମତୀ ମୁର୍ମୁ ମୟୁର୍ଭଞ୍ଜ ଜିଲ୍ଲା ଉପର୍ବେଢ଼ା ଗାଁ ନ ଜନମ୍ ହେଇଥିଲେ । ରାଷ୍ଟ୍ରପତି ଜନମ୍ଦିନ୍ ଅବ୍ସରେ ଆଏଜ୍ ଦିଲ୍ଲୀର୍ ଜଗନ୍ନାଥ ମନ୍ଦିର୍ ନ ପୂଜା କରିଛନ୍ । ସେ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଦେଶର୍ ଲୁକ୍କର୍ କଲ୍ୟାଣ କାମନା କରିଛନ୍ । ରାଷ୍ଟ୍ରପତିଙ୍କର୍ ଜନମ୍ ଦିନ୍ ଅବ୍ସରେ ସମାଜ୍ର ଭିନ୍ ଭିନ୍ ବର୍ଗର୍ ଲୋକ୍ମାନେ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ । ଉପରାଷ୍ଟ୍ରପତି ଜଗ୍ଦୀପ୍ ଧନ୍ଖଡ଼, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଲ୍ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଆଘର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ପ୍ରମୁଖ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ତାଙ୍କର୍ ଦୀର୍ଘ ଆଉ ନିରାମୟ ଜୀବନ୍ କାମନା କରିଛନ୍ ।

ଶ୍ରୀମତୀ ସୁରମା ପାଢ଼ୀ- ବାଚସ୍ପତି        ଆର୍ଏନ୍ୟୁ/ କଟକ୍

୧୭ ନମ୍ବର୍ ବିଧାନ୍ସଭାର୍ ବାଚସ୍ପତି ଭାବେ ରଣପୁର୍ ବିଧାୟିକା ସୁରମା ପାଢ଼ୀ ଆଏଜ୍ ଦାୟିତ୍ୱ ନେଇଛନ୍ । ସକାଲ୍ବେଲା

୧୧ ବଜେ ବାଚସ୍ପତି ନିର୍ବାଚନ୍ ଲାଗି ପ୍ରକ୍ରିୟା ମୁଲ୍ ହେଇଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ପଦ୍‌ବୀ ଲାଗି ସୁରମା ପାଢ଼ୀଙ୍କର୍ ନାଁ ପ୍ରସ୍ତାବ୍ ବାବ୍‌ଦେ ମୋସନ୍ ଗୃହ ନ ଆଗତ୍ କରିଥିଲେ । ଇ ପ୍ରସ୍ତାବ୍‌କେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ ସମର୍ଥନ୍ ଜନେଇଥିଲେ । ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକ୍ ଆର୍ କଂଗ୍ରେସ୍ ବିଧାୟକ୍ ତାରାପ୍ରସାଦ୍ ବାହିନୀପତି ଭିଲ୍ ଇ ପ୍ରସ୍ତାବ୍‌କେ ସମର୍ଥନ୍ ଦେଇଥିଲେ । ସମ୍‌କର୍ ସହମତିଥି ବାଚସ୍ପତି ଭାବେ ନିର୍ବାଚିତ ହେବାର୍ ଉତ୍‌ରୁ ଶାସକ ଆର୍ ବିରୋଧୀ ଦଲର୍ ସଦସ୍ୟମାନେ ଶ୍ରୀମତୀ ପାଢ଼ୀଙ୍କୁ ବାଚସ୍ପତିଙ୍କର୍ ଆସନ୍ ପାଖ୍‌କେ ନେଇଥିଲେ । ଦାୟିତ୍ୱ ନେବାର୍ ଉତ୍‌ରୁ ସୁରମା ପାଢ଼ୀ ଗୃହର ମର୍ଯ୍ୟାଦା ଆଉ ଗରିମା ରକ୍ଷା କର୍‌ବାର୍ ଲାଗି ପ୍ରୟାସ୍ କର୍‌ବେ ବଲି କହିଥିଲେ । ଇଥିର୍‌ଲାଗି ସେ ଦଳମତ ନିର୍ବିଶେଷଥି ସମ୍‌କର୍ ସହଯୋଗ୍ କାମନା କରିଥିଲେ ।

ମୁଖ୍ୟମନ୍ତ୍ରୀ-ସୂଚନା ଆଉ ଲୋକସମ୍ପର୍କ ବିଭାଗ

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିକାଶ୍‌ମୂଲକ୍ କାର୍ଯ୍ୟକ୍ରମ୍ ଆଉ କଲ୍ୟାଣ୍‌କାରୀ ଯୋଜ୍‌ନା ଲୁକ୍‌କର୍ ପାଖେ ଠିକ୍ ଭାବେ ପହଁଚାବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚନା

ଆଉ ଲୋକସମ୍ପର୍କ ବିଭାଗ୍‌ର ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଅତିଥି ଭବନ୍ ଠାନେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂ ଙ୍କର୍ ସହେତେ ବିଭାଗର ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଆଏଜ୍ ଭେଟିଥିଲେ । ଇ ସମିଆଥି ମୁଖ୍ୟମନ୍ତ୍ରୀ ବିଭାଗ୍ ନ ଚାଲିଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଉପ୍‌ରେ ଆଲୋଚନା କରିଥିଲେ । ବିଭାଗ୍‌ଥି ଖାଲିଥିବା ଭିନ୍ ଭିନ୍ ପଦ୍‌ବୀ ପୂରଣ୍ ସହେତେ ସାମ୍ବାଦିକ୍‌ମାନ୍‌କର୍ କଲ୍ୟାଣ୍ ଲାଗି ନିଆୟାଉଥିବା ପଦକ୍ଷେପ୍‌କେ ଗୁରୁତ୍ୱ ଦେବାର୍‌କେ ମୁଖ୍ୟମନ୍ତ୍ରୀ କହିଥିଲେ । ଇତାର୍‌ସହେତେ ବିଭାଗ୍‌ର ବଜେଟ୍ ବ୍ୟବସ୍ଥା, ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟକେ ଅଏତ୍‌କା ବର୍‌କସ୍ କର୍‌ବାର୍, ସାମାଜିକ ଗଣମାଧ୍ୟମ୍ ଆଉ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ବିଷେଥି ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ ।

ପ୍ରାକ୍ ବଜେଟ୍- ଉପମୁଖ୍ୟମନ୍ତ୍ରୀ

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଏବା ଶନିବାର୍ ଦିନ ନୂଆଦିଲ୍ଲୀର ବିଜ୍ଞାନ୍ ଭବନ୍ ନ ରାଜ୍ୟ ଅର୍ଥମନ୍ତ୍ରୀମାନ୍‌କର୍ ପ୍ରାକ୍ ବଜେଟ୍ ଆଉ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ୍ ହେବା । ଇ ଦୁହି ବୈଠକ୍‌ଥି ଓଡ଼ିଶା ତର୍‌ଫୁ ଉପମୁଖ୍ୟମନ୍ତ୍ରୀ

କନକ୍‌ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେବେ ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ମିଲିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ କାର୍ଯ୍ୟବ୍ୟସ୍ତତା ଲାଗି ତାଙ୍କର୍ ପରାମର୍ଶ ଅନ୍‌ସାରେ ଇ ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଯୋଗ୍ ଦେବେ ।

ସ୍କୁଲ୍ ଖୁଲ୍‌ବା          ଆର୍‌ଏନ୍‌ୟୁ/ କଟକ୍

ଆଏବା ୨୨ ତାରିଖ୍ ଶନିବାର୍‌ନୁ ରାଜ୍ୟର୍ ସବୁ ସ୍କୁଲ୍‌ମାନେ ସ୍ୱାଭାବିକ୍ ଭାବେ ଚାଲ୍‌ବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନାକେ ଆଧାର୍ କରିକରି ରାଜ୍ୟ ସର୍‌କାର୍ ସବୁ ସର୍‌କାରୀ, ବେସର୍‌କାରୀ ଆଉ ଅନୁଦାନ୍ ପାଉଥିବା ବିଦ୍ୟାଳୟମାନ୍‌କେ ୧ କ୍ଲାସ୍‌ନୁ ୧୨ କ୍ଲାସ୍‌ତକ୍ ଆଏବା କାଏଲ୍‌ନୁ ସଖାଲର୍ ସାଢ଼େ ୬ ବଜେନୁ ସାଢ଼େ ୧୦ ବଜେତକ୍ ସ୍କୁଲ୍ ଚାଲ୍‌ବା । ହେଲେ ୨୨ ତାରିଖ୍‌ନୁ ଆଘର୍ ବାଗିର୍ ସ୍କୁଲ୍ ମାନେ ଚାଲ୍‌ବା ବଲି କୁହାଯାଇଛେ ।

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ- ସମୀକ୍ଷା ବୈଠକ୍

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍

ରାଜ୍ୟର୍ କୃଷକ୍ ଖାଉଟି ମାନ୍କର୍ ସୁରକ୍ଷାକେ ନଜର୍ଥି ରଖିକରି ଦରଦାମ୍ ନିୟନ୍ତ୍ରଣ ସହେତେ ମଣ୍ଡିର ସୁପରିଚାଲନାକେ ସବୁବେଲେ ପ୍ରାଧାନ୍ୟ ଦିଆଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇ ବିଭାଗ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନେବାର୍ ଉତ୍ରୁ ଶ୍ରୀ ପାତ୍ର ଆଏଜ୍ ଲୋକ୍ସଭା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ କରିଥିଲେ । ବୈଠକ୍ଥି ବିଭାଗୀୟ ଶାସନ୍ ସଚିବ ଭି.ଭି. ଯାଦବ୍ଙ୍କର୍ ସହେତେ ଅଲ୍ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ରାଏଜେ ଖାଦ୍ୟ ସୁରକ୍ଷା ନୀତିକେ ଲାଗୁ କର୍ବାର୍ ସହେତେ ଅତ୍ୟାବଶ୍ୟକ ସାମଗ୍ରୀର ବଜାର୍ ବିଶ୍ଳେଷଣ ଆଉ ବଜାର ଦର ତଦାରଖ୍ ନିୟମିତ ବ୍ୟବଧାନ୍ଥି କର୍ବାର୍କେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ ।

## ଗୃହନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ- ସମୀକ୍ଷା

ସୂଚନା ଆଉ ଲୋକସମ୍ପର୍କ ବିଭାଗ

ବର୍ଷା ଋତୁଥି ସହରାଂଚଲ୍ ନ ଜଲ୍ ନିଷ୍କାସନ୍ ବ୍ୟବସ୍ଥା ଉପ୍ରେ ଗୁରୁତ୍ୱ ଦେବାର୍କେ ଗୃହନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଆଏଜ୍ ବିଭାଗ୍ର ଭିନ୍ ଭିନ୍ ଯୋଜ୍ନା ଆଉ କାର୍ଯ୍ୟକ୍ରମ୍ ବାବ୍ଦେ ହେଇଥିବା ସମୀକ୍ଷା ବୈଠକ୍ଥି

ମନ୍ତ୍ରୀ ଡକ୍ଟର୍ ମହାପାତ୍ର ସହରାଂଚଲ୍ ବିକାଶ୍ ଉପ୍ରେ ପ୍ରାଥମିକତା ଦେବାର୍କେ ବିଭାଗ୍ର ଅଧିକାରୀମାନ୍କୁ କହିଥିଲେ ।

ଯୋଗ ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ଆଏବାକାଏଲ୍ ଆନ୍ତର୍ଜାତୀୟ ଯୋଗଦିବସ । ଇ ଅବ୍ସରେ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ରାଜ୍ୟସ୍ତରୀୟ ଯୋଗଦିବସ୍ ପାଲନ୍ କରାଯିବା । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବେ । ତାଙ୍କର୍ ସହେତେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭିଲ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଉପମୁଖ୍ୟମନ୍ତ୍ରୀ କନକ୍ବର୍ଦ୍ଧନ୍ ସିଂଦେଓ ନୟାପଲ୍ଲୀର କସ୍ତୁରବା ସ୍କୁଲ୍ ପଡ଼ିଆ ନ ହେବାର୍କେ ଥିବା ଯୋଗ ଦିବସ୍ କାର୍ଯ୍ୟକ୍ରମ୍ଥି ଯୋଗ୍ଦେବେ । ସେନ୍ତା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ସାଂସଦ୍ ସମ୍ବିତ୍ ପାତ୍ର କୋଣାର୍କ ଠାନେ ହେବାର୍କେ ଥିବା ଯୋଗଦିବସ୍ ସମାରୋହଥି ଯୋଗ୍ଦେବେ । ବାଚସ୍ପତି ସୁରମା ପାଢ଼ୀ ନୟାଗଡ଼୍ ନ ହେବାର୍କେ ଥିବା ସମାରୋହଥି ଯୋଗ୍ ଦେବାର କାର୍ଯ୍ୟସୂଚୀ ରହିଛେ । ସମ୍ବଲ୍ପୁର୍ ନ ହେବାର୍କେ ଥିବା ଯୋଗ ଦିବସ୍ ସମାରୋହଥି ମନ୍ତ୍ରୀ ରବି ନାରାୟଣ୍ ନାଏକ, ବଲାଙ୍ଗିର୍ ନ ମନ୍ତ୍ରୀ ଡକ୍ଟର୍ ମୁକେଶ୍ କୁମାର୍ ମହାଲିଙ୍ଗ୍, ଝାର୍ସୁଗୁଡ଼ା ନ

ମନ୍ତ୍ରୀ ସୁରେଶ୍ ପୂଜାରୀ ଆଉ ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଯୋଗ୍ ଦେବେ । ସେନ୍ତା ରାଜ୍ୟର୍ ଅଲ୍‌ଗା ଜିଲ୍ଲାମାନ୍‌କେ ହେବାର୍‌କେ ଥିବାର୍ ଯୋଗ ଦିବସ୍ ସମାରୋହଥି ମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ସଦସ୍ୟ, ସାଂସଦ୍ ଆଉ ବିଧାୟକ୍‌ମାନେ ଯୋଗ୍ ଦେବେ ।

## ଆନ୍ତର୍ଜାତୀୟ ଯୋଗ ଦିବସ

ବୌଦ୍ଧ/ସୁବର୍ଣ୍ଣପୁର୍/ଦେବ୍‌ଗଡ଼୍

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଯୋଗଦିବସ୍ ପାଲନ୍ ଲାଗି ପ୍ରସ୍ତୁତି ସରିଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବୌଦ୍ଧ ଟାଉନ୍ ହଲ୍ ଠାନେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ କରାଯିବା । ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ନ ଆନ୍ତର୍ଜାତୀୟ ଯୋଗ ଦିବସ୍ ପାଲନ୍ ଲାଗି ଭିନ୍ ଭିନ୍ ଜାଗା ନ ପ୍ରସ୍ତୁତି ସରିଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମହାନଦୀ ଆଉ ତେଲ୍ ନଦୀ ସଙ୍ଗମ୍‌ର ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ଯୋଗଦିବସ୍ କାର୍ଯ୍ୟକ୍ରମ୍ ହେବା । ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ପତଞ୍ଜଳି ଯୋଗ ସମିତି, ମହିଳା ଯୋଗସମିତି, ନେହେରୁ ଯୁବକେନ୍ଦ୍ର ଆଉ ରାଜ୍ୟସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ ଆନ୍ତର୍ଜାତୀୟ ଯୋଗଦିବସ୍ ପାଲନ୍ ଲାଗି ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ ।

ଦେବ୍‌ଗଡ଼୍ ଜିଲ୍ଲା ନ ଜିଲ୍ଲା ପ୍ରଶାସନ୍ ତରଫୁ ଦେବ୍‌ଗଡ଼୍ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ଯୋଗଦିବସ୍ ପାଳନ୍ କରାଯିବା । ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ୍ ଅଗସ୍ତି ବେହେରା ଯୋଗ୍ ଦେବେ ।

ରକ୍ତହୀନତା ନିରାକରଣ୍        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ରକ୍ତଶିକୁଳି ଲାଗି ରକ୍ତହୀନତା ନିରାକରଣ୍ ସଚେତନତା ଅଭିଯାନ୍ ଚାଲିଛେ । ଇଟା ଆଏବା ୩ ତାରିଖ୍‌ତକ୍ ଚାଲ୍‌ବା । ଇଥି ଭିନ୍ ଭିନ୍ ଜିଲ୍ଲା ନ ରକ୍ତଶିକୁଳି ରୋଗର ନିରାକରଣ୍ ଲାଗି ବ୍ୟାପକ୍ ପ୍ରଚାର୍ ପ୍ରସାର୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଉଛେ । ୨୦୪୭ ମସିହାତକ୍ ରକ୍ତଶିକୁଳି ରୋଗର ପୁରାପୁରି ନିରାକରଣ୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।
(ପ୍ରୋମୋ)

ଦେବସ୍ନାନ ପୂର୍ଣ୍ଣିମା        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗର ସୁରକ୍ଷା ଲାଗି ସେନାପଟା ଲାଗି ନୀତି କରାଯିବା । ଇଥିର୍‌ଲାଗି ଆଏଜ୍‌ରାତି ୧୨ ବଜେନୁ ଆଏବା କାଏଲ୍ ସଖାଲ୍ ବେଲା ୧୧ ବଜେତକ୍

ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ୍ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

## ବନ୍ୟା ମୁକାବିଲା-ମକ୍‌ଡ୍ରିଲ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ବ୍ଲକ୍ ଘଂଟାପଡ଼ା ବନ୍ୟା ଆଶ୍ରୟସ୍ଥଲୀ ନ ସମ୍ଭାବ୍ୟ ବନ୍ୟା ମୁକାବିଲା କର୍‌ବାର୍ ଲାଗି ଓଡ୍ରାଫ୍ ବାହିନୀ ତର୍‌ଫୁ ଆଏଜ୍ ମକ୍‌ଡ୍ରିଲ୍ ହେଇଯାଇଛେ । ଜରୁରୀକାଲୀନ ପରିସ୍ଥିତିଥି କେନ୍ତା ଲୁକ୍‌କୁ ଉଦ୍ଧାର୍ କରାଯାଇକରି ଥଇଥାନ୍ କରାଯିବା, ସେ ବାବ୍‌ଦେ ମକ୍‌ଡ୍ରିଲ୍ କରାଯାଇଥିଲା ।

## ଶିଶୁ ଶ୍ରମିକ ନିରାକରଣ୍-ସଚେତନତା ରଥ

ସମ୍ବଲ୍‌ପୁର୍ ଡିଆଇପିଆର୍‌ଓ

ରାଜ୍ୟ ଶ୍ରମ ବିଭାଗ୍ ତର୍‌ଫୁ ଶିଶୁ ଶ୍ରମିକ୍ ବିରୋଧିଥି ଜନସଚେତନତା ସୃଷ୍ଟି ଲକ୍ଷ୍ୟଥି ଆଏଜ୍ ସମ୍ବଲ୍‌ପୁର୍ ନ ଗୁଟେ ସଚେତନତା ରଥର ଶୁଭାରମ୍ଭ କରାଯାଇଛେ । ଇ ରଥକେ ଅତିରିକ୍ତ ଜିଲ୍ଲାପାଲ୍ ସୂଚାରୁ କୁମାର ବଳ ଶୁଭାରମ୍ଭ କରିଥିଲେ । ସଚେତନତା ରଥ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟନୁ ବାହାରିକରି ସହର୍ ଆଉ ଗାଁ ଇଲାକାର୍ ଭିନ୍ ଭିନ୍ ଜାଗା ଯାଇକରି ଛୁଆମାନ୍‌କୁ ଶ୍ରମକ୍ଷେତ୍ରଥି ନୟୋଜିତ ନାଇଁ କର୍‌ବାର୍‌କେ ସଚେତନ୍ କର୍‌ବା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଧୁକାଧନ୍ଦି ସହେତେ ବିଜ୍‌ଲି ମାରିକରି ବର୍ଷା ହେବାର୍ ସମ୍ଭାବନା ରହିଛେ । ଇତାକେ ନେଇକରି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୨୦ ଟା ଜିଲ୍ଲାକେ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ଼େ ପାଗ୍ ଅନୁକୂଳ ଥିବାର୍‌ନୁ ଆଏବା ୩ ଦିନ୍ ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲାକେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପୁହୁଁଚିବାର୍ ସମ୍ଭାବନା ରହିଛେ ।